**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

# TEST BOOKLET

Sl. No. 3330

**Subject Code : 19** **Subject : ODIA**

## WRITTEN TEST FOR RECRUITMENT OF LECTURERS FOR NON-GOVT. AIDED COLLEGES OF ODISHA

*Time Allowed : 2 Hours* *Maximum Marks : 150*

### : INSTRUCTIONS TO CANDIDATES :

1. **IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET CONTAINS 16 PAGES AND DOES NOT HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET.**

2. You have to enter your **Roll No.** on the Test Booklet in the Box provided alongside. **DO NOT** write anything else on the Test Booklet.

| | | | | | | | | | | |
|---|---|---|---|---|---|---|---|---|---|---|
| | | | | | | | | | | |

3. The Test Booklet contains **100** questions. Each question comprises four answers. You have to select the correct answer which you want to mark (darken) on the **Answer Sheet (OMR Sheet)**. In any case, choose ONLY ONE answer for each question. If more than one answer is darkened, it will be considered as wrong.

4. You have to mark (darken) all your answers only on the **OMR Answer Sheet using BLACK BALL POINT PEN** provided by the State Selection Board. You have to do rough work only in the space provided at the end of the Test Booklet. See instructions in the Answer Sheet.

5. All questions carry equal marks. While 1.5 marks will be awarded for each correct answer, each wrong answer will result in negative marking of **0.50** mark.

6. Before you proceed to mark (darken) the answers in the **OMR Answer Sheet** to the questions in the Test Booklet, you have to fill in some particulars in the Answer Sheet as per the instructions in your Admit Card.

7. On completion of the examination, you should hand over the **original Answer Sheet (OMR Sheet)** issued to you to the Invigilator before leaving the Examination Hall. You are allowed to take with you the candidate's copy (carbon copy) of the **OMR Answer Sheet** along with the Test Booklet for your reference.

**Candidate's full signature** **Invigilator's signature**

SEAL

 2022 ( Turn over )

1. ଉଚ୍ଚାରଣ ସ୍ଥାନ ଦୃଷ୍ଟିରୁ କେଉଁ ବର୍ଗର ବର୍ଣ୍ଣଗୁଡ଼ିକୁ ତାଲବ୍ୟବର୍ଣ୍ଣ କୁହାଯାଏ ?

(A) 'କ' ବର୍ଗ

(B) 'ଚ' ବର୍ଗ

(C) 'ଟ' ବର୍ଗ

(D) 'ତ' ବର୍ଗ

2. ଯୁକ୍ତବର୍ଣ୍ଣ 'ଜ୍ଞ' କେଉଁ କେଉଁ ବର୍ଣ୍ଣ ସଂଯୋଗରେ ଗଠିତ ?

(A) ଞ୍ + ଜ୍ + ଅ

(B) ଙ୍ + ଗ୍ + ୟ

(C) ଜ୍ + ଞ୍ + ଅ

(D) ଗ୍ + ୟ୍ + ଅ

3. କେଉଁ ଯୁକ୍ତବର୍ଣ୍ଣଟି ଫଳାଯୁକ୍ତ ନୁହେଁ ?

(A) ସ୍ଥ

(B) ଡ୍ବ

(C) ମ୍ୟ

(D) କ୍ତ

4. କେଉଁଟି ଦେଶଜ ଶବ୍ଦ ?

(A) ଅରମା

(B) ତକିଆ

(C) ଅକଲ

(D) ତାଟିଆ

5. 'ରିକ୍ସା' ଶବ୍ଦଟି କେଉଁ ବୈଦେଶିକ ଭାଷାର ଶବ୍ଦ ?

(A) ଇଂରାଜୀ

(B) ଫରାସୀ

(C) ପର୍ତ୍ତୁଗୀଜ

(D) ଜାପାନୀ

6. କେଉଁ ଶବ୍ଦଟି 'ଯ' ପ୍ରତ୍ୟୟ ଦ୍ଵାରା ଗଠିତ ହୋଇନାହିଁ ?

(A) ଆରଣ୍ୟ

(B) ତାରୁଣ୍ୟ

(C) କାରୁଣ୍ୟ

(D) କାର୍ପଣ୍ୟ

7. 'ଦୁରବସ୍ଥା' ଶବ୍ଦଟିର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

(A) ଦୂର + ଅବସ୍ଥା

(B) ଦୁ + ଅବସ୍ଥା

(C) ଦୁଃ + ଅବସ୍ଥା

(D) ଦୁର୍ + ଅବସ୍ଥା

8. କହିବାର ଇଚ୍ଛା — ଏହାକୁ ଏକପଦରେ ପ୍ରକାଶ କଲେ କ'ଣ ହେବ ?

(A) ବିବସ୍ଥା

(B) ବୁଭୁକ୍ଷା

(C) ବିବିକ୍ଷା

(D) ବିବକ୍ଷା

9. ସେ ବୟସରେ ମୋଠାରୁ ସାନ । — ରେଖାଙ୍କିତ ପଦଟି କେଉଁ ବିଭକ୍ତି ?

(A) ଦ୍ୱିତୀୟା

(B) ତୃତୀୟା

(C) ପଞ୍ଚମୀ

(D) ସପ୍ତମୀ

10. 'ସଂପଦ କାଳେ ସର୍ବେ ସଖା' — ରେଖାଙ୍କିତ ପଦଟି କେଉଁ କାରକ ?

(A) କର୍ତ୍ତା

(B) କରଣ

(C) ଅଧିକରଣ

(D) କର୍ମ

11. ଗଧଟି ଗୀତ ଗାଉଛି । — ଏହା ବାକ୍ୟ ନୁହେଁ କାହିଁକି ?

(A) ଯୋଗ୍ୟତାର ଅଭାବ ଥିବାରୁ

(B) ଆକାଂକ୍ଷା ରହୁଥିବାରୁ

(C) ଆସକ୍ତିର ଅଭାବ ଯୋଗୁଁ

(D) ଖଣ୍ଡ ବାକ୍ୟ ହୋଇଥିବାରୁ

12. ମୁଁ ରାସ୍ତାରେ ଯାଉ ଯାଉ ପଡ଼ିଗଲି । — ଏହା କେଉଁ ପ୍ରକାର ବାକ୍ୟ ?

(A) ଜଟିଳ

(B) ଯୌଗିକ

(C) ସରଳ

(D) ମିଶ୍ର

13. ତିନି ତେର କରିବା — ଏହି ରୂଢ଼ିଟିର ଅର୍ଥ କ'ଣ ?

(A) ପ୍ରଚାର କରିବା

(B) ସର୍ବନାଶ ଘଟାଇବା

(C) ଟାଣ ଭାଙ୍ଗିଦେବା

(D) ଠକିବା

14. 'ଅନ୍ଧର ଲଉଡ଼ି' ରୂଢ଼ିଟି କେଉଁ ଅର୍ଥରେ ପ୍ରଚଳିତ ?

(A) ଅତିପ୍ରିୟ

(B) ଅସହାୟର ସାହା

(C) କ୍ଷୀଣ ଆଶ୍ରୟ

(D) ପସନ୍ଦ କରିବା

15. ବୈଦର୍ଭୀ ରୀତି କେଉଁ ଗୁଣାଶ୍ରୟୀ ?

(A) ଓଜଃ

(B) ମାଧୁର୍ଯ୍ୟ

(C) ପ୍ରସାଦ

(D) ସମତା

16. ଅଭିନବ ଗୁପ୍ତଙ୍କ ମତାନୁସାରେ ରସସୂତ୍ରସ୍ଥ 'ନିଷ୍ପତ୍ତି' ଶବ୍ଦର ଅର୍ଥ କଣ ?

(A) ଉତ୍ପତ୍ତି

(B) ଅନୁମିତି

(C) ଅଭିବ୍ୟକ୍ତି

(D) ଭୁକ୍ତି

17. କେଉଁଟି ରୋମାଣ୍ଟିକ୍ ବାଦର ଲକ୍ଷଣ ?

(A) ବ୍ୟକ୍ତି କୈନ୍ଦ୍ରିକତା

(B) ନୈର୍ବ୍ୟକ୍ତିକତା

(C) ଆଦର୍ଶବାଦିତା

(D) ଯୌକ୍ତିକତା

18. ଉତ୍ପ୍ରେକ୍ଷା ବାଚକ ଶବ୍ଦଟିକୁ ଚିହ୍ନାଅ :

(A) ସରି

(B) ଯେହ୍ନେ

(C) ଯଥା

(D) ସିନା

19. ବିଧୁ ନୋହେ ସଦା ଶୀତଳ ଦାୟୀ,

କ୍ଷର ନୁହେ ତାପ କମ୍ପ ବଢ଼ାଇ,

ବୈଦ୍ୟ ନୁହଇ ବ୍ୟାଧି ବିନାଶଇ,

ପିତ୍ତ ନୁହଇ ତ ବାଇ କରଇ,

ନୁହଇ ମାଦକ ହେ

ବିହ୍ୱଳ କରେ ଜୀବ ଥିବା ଯାକ । — ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଯମକ

(B) ବିଭାବନା

(C) ଉପମା

(D) ଶ୍ଳେଷ

20. ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନାର୍ଥ ପ୍ରକାଶ କରେ, ସେଠାରେ କେଉଁ ଅଳଙ୍କାର ହୁଏ ?

(A) ଉପମା

(B) ଯମକ

(C) ଶ୍ଳେଷ

(D) ବିଭାବନା

21. ''ଓଡ଼ିଆ ଲୋକଗୀତ ଓ କାହାଣୀ'' ର ଲେଖକ କିଏ ?

(A) କୁଞ୍ଜବିହାରୀ ଦାଶ

(B) ଚକ୍ରଧର ମହାପାତ୍ର

(C) ଗୋପାଳ ଚନ୍ଦ୍ର ପ୍ରହରାଜ

(D) ଶ୍ୟାମ ସୁନ୍ଦର ମହାପାତ୍ର

22. କଥାଭିପ୍ରାୟ ବା ଗଳ୍ପାଙ୍କୁର ଇଂରାଜୀ ପ୍ରତିଶବ୍ଦ କ'ଣ ?

(A) ଟାଇପ୍

(B) ମୋଟିଫ୍

(C) ଷ୍ଟାଇଲ୍

(D) ଫର୍ମୁଲା

23. ସାଧକ କିପରି ପରମ ନିର୍ବାଣ ପାଇପାରିବ ବୋଲି ଶବରୀପାଦ କହିଛନ୍ତି ?

(A) ବୁଦ୍ଧଙ୍କୁ ଧ୍ୟାନ କରି

(B) ସମ୍ଭୋଗ ଚକ୍ରରେ ସାଧନା ସଙ୍ଗିନୀ ସହିତ ସହବାସ କରି

(C) ଗୁରୁବାକ୍ୟ ରୂପକ ଧନୁରେ ନିଜ ମନ ରୂପକ ଶରକୁ ସଂଯୋଗ କରି

(D) ସ୍ତୂପର ପୂଜା କରି

24. ''ଏଡି ଏଭ ଛାନ୍ଦକ ବାନ୍ଧ କରଣ କପଟେର ଆସ'' — ଏ ପଦର ଅର୍ଥ କ'ଣ ?

(A) ସମସ୍ତ ବନ୍ଧନ ଦୂର କରିବା

(B) ନାନାଦି ମୁଦ୍ରା, ଆସନ, ବନ୍ଧ ଆଦିକୁ ତ୍ୟାଗ କରିବା

(C) ସାଧନା ପରିହାର କରିବା

(D) ମନ୍ତ୍ର ସାଧନା ନ କରିବା

25. କାହ୍ନୁପାଦଙ୍କ 'ଡୋମ୍ବୀଚର୍ଯ୍ୟା'ରେ ଡୋମ୍ବୀର ଅନ୍ତର୍ନିହିତ ଅର୍ଥ କ'ଣ ?

(A) ଡମ୍ବକଥା

(B) କୁଣ୍ଡଳିନୀ

(C) ସାଧକର ଆତ୍ମା

(D) ସାଧକର ପ୍ରେମିକା

26. କେଉଁ ଦିନଠାରୁ କଳିଯୁଗ ପ୍ରବେଶ ହୋଇଛି ବୋଲି ସହଦେବ କହିଛନ୍ତି ?

(A) ସୁରେଶ୍ୱର ବ୍ରାହ୍ମଣ ଓ କିରିଷାଣ କଳିଦିନରୁ

(B) ଯେଉଁ ଦିନୁ କୃଷ୍ଣ ଦୂତ ହୋଇ ଗଲେ

(C) ମହାଭାରତ ଯୁଦ୍ଧ ସରିଲା ପରେ

(D) କଳିକୁ ଖଟ ଗୋଡ଼ରେ ବାନ୍ଧି ରଖିଲା ପରେ

27. ଅର୍ଜ୍ଜୁନ କେଉଁ ଫାଶରେ କାଳ ବିକଳାନ୍ତଙ୍କୁ ବାନ୍ଧିଥିଲେ ?

(A) କାଳଫାଶ

(B) ବଜ୍ରଫାଶ

(C) ନାଗଫାଶ

(D) ମନ୍ତ୍ରଫାଶ

28. ତ୍ରେତୟା ଯୁଗରେ ହିଙ୍ଗୁଳା କାହାର କୁଳବଧୂ ଥିଲେ ?

(A) କେତୁମାଳୀ

(B) ବିଶ୍ୱାବସୁ

(C) ହରିସାହୁ

(D) ଧନପାଳ

29. ''ପିତାକୁ ମାରି ପୁତ୍ରକୁ ଆଶ୍ୱାସୁ'' — ଏଠାରେ କବି କେଉଁ ଅବତାର ବିଷୟରେ ସୂଚନା ଦେଇଛନ୍ତି ?

(A) ରାମ

(B) ପର୍ଶୁରାମ

(C) ନୃସିଂହ

(D) ବାମନ

30. ଶବର ମାରିଥିବା 'ଶବ'ର ଦେବରୂପ କିଏ ?

(A) ଜଗନ୍ନାଥ

(B) ନୀଳମାଧବ

(C) ଶ୍ରୀରାମ

(D) ସତ୍ୟନାରାୟଣ

31. ଅନେକ ଜନ୍ମ ତପସ୍ୟା କରି ଗୋପୀମାନେ କ'ଣ କାମନା କରିଥିଲେ ?

(A) ମୋକ୍ଷପଦଲାଭ

(B) କୃଷ୍ଣଙ୍କୁ ସ୍ୱାମୀ ରୂପରେ ଲାଭ

(C) ବୈକୁଣ୍ଠ ପ୍ରାପ୍ତି

(D) ସମସ୍ତ ଇନ୍ଦ୍ରିୟମାନଙ୍କ ଉପରେ ବିଜୟ

32. କୃଷ୍ଣ କେଉଁ ଗୋପୀକୁ ସାଙ୍ଗରେ ନେଇ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ?

(A) ରାଧା

(B) ଲଳିତା

(C) ବିଶାଖା

(D) ବୃନ୍ଦାବତୀ

33. ଗୋପୀମାନଙ୍କ ପାଦର ଝୁଣ୍ଟିଆ କାହିଁକି ଝଡ଼ି ପଡୁଥିଲା ?

(A) କୃଷ୍ଣଙ୍କ ବିରହରେ

(B) କାମବାଧାରୁ

(C) ପଥରେ କଣ୍ଟାଲାଗି

(D) ପଥରରେ ଝୁଣ୍ଟିପଡ଼ିବାରୁ

34. ଟେରା ଭିତରେ ଥିବା ଅପୂର୍ବ ନାରୀଟି କିଏ ?

(A) ସୁନ୍ଦରୀ ସ୍ତ୍ରୀ

(B) ଧନ ସଂପତ୍ତି

(C) ଆତ୍ମାପୁରୁଷ

(D) କବି ପ୍ରେମିକା

35. କବି ଦୀନକୃଷ୍ଣ କାହାକୁ ଘଟ କୁମର ବୋଲି କହିଛନ୍ତି ?

(A) ଗଜପତି ମହାରାଜଙ୍କୁ

(B) ଜଗନ୍ନାଥଙ୍କୁ

(C) ଆପଣାର ଘୋର ସଙ୍କଟକୁ

(D) ବ୍ୟାଧିଗ୍ରସ୍ତ ଦେହକୁ

36. 'ଦଉଡ଼ିରେ ବାନ୍ଧିଲି ପୁତ୍ରକୁ', 'ଅର୍ଥକୋଇଲି'ର ଏହି ପଦାଂଶରେ 'ଦଉଡ଼ି' କେଉଁ ଅର୍ଥରେ ପ୍ରୟୋଗ କରାଯାଇଛି ?

(A) ମାୟାସଂସାର

(B) ଦୟାମଣି

(C) ପରମ

(D) ଶୂନ୍ୟସ୍ଥାନ

37. 'ବେଳେ ଦୃଶ୍ୟ, ବେଳେ ହୁଅଇ ଅଦୃଶ୍ୟ ଘୋଟିଯାଏ ଚଉଦିଗ' — ଏଥିରେ କେଉଁ ମାସ ସଂପର୍କରେ ବର୍ଣ୍ଣନା କରାଯାଇଛି ?

(A) ଜ୍ୟେଷ୍ଠ

(B) ଆଷାଢ଼

(C) ଆଶ୍ୱିନ

(D) ମାର୍ଗଶିର

38. ‘କ୍ଷନ୍ଦଣି ବନ୍ଧଣି ଭୁଜଦଣ୍ଡରେ’ — କେଶବ କୋଇଲିରେ ଏହି ପଦ୍ୟାଂଶଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(A) ଦୁଇହାତ ଛନ୍ଦି

(B) ଦୁଇହାତ ଟେକି

(C) ଦୁଇହାତ ପାତି

(D) କ୍ଷମା ମାଗି

39. କାମାନନ୍ଦ ଯୋଗୀ କେଉଁ ବିଦ୍ୟାବଳରେ ବିଚିତ୍ର ଯୋଗୀବେଶରେ ସଜାଇ ହୋଇ, ଲୋକମାନଙ୍କୁ ଶୂନ୍ୟରୁ ବିଭିନ୍ନ ପଦାର୍ଥ ଦେଉଥିଲା ?

(A) କଚ୍ଛ ଚିନ୍ତାମଣି ବିଦ୍ୟା

(B) ମୋହନ ବିଦ୍ୟା

(C) ଜଳନ୍ଧର ବିଦ୍ୟା

(D) ଶାକମ୍ଭରୀ ବିଦ୍ୟା

40. ‘‘ପୂର୍ବେ ମୋତେ ଦେବତାମାନେ କହି ନାହାନ୍ତି କି ବାସୁଦେବ ଉକ୍ତ ପିଲାମାନଙ୍କୁ ପଲଟାଇ ନ’ପାରିବୁ ବୋଲି’’ — ଏହା କିଏ କହିଛି ?

(A) କାମାନନ୍ଦ ଯୋଗୀ

(B) ସୂତକହାରିଣୀ

(C) ଅବଧୂତ ଜ୍ଞାନାନନ୍ଦ

(D) ଅନିଳ ଖେଚର

41. ‘କୁଶକେତୁ ଶୁଣି ଏ କଥା’— ‘କୁଶକେତୁ’ର ଅର୍ଥ କ’ଣ ?

(A) ବ୍ରହ୍ମା

(B) ବିଷ୍ଣୁ

(C) ମହେଶ୍ୱର

(D) ଜଗନ୍ନାଥ

42. କାହାପ୍ରାୟ ‘ଦୀର୍ଘିକା’ କୂଳକୁ ରଖି ଏକା ରହିଲେ ?

(A) କୁଳଟା

(B) କୁଳପାଳିକା

(C) କାନ୍ତା

(D) କାମିନୀ

43. କବିତ୍ୱ ବନିତାର ଉପମାତା କିଏ ?

(A) କବି

(B) ରସିକ ନେତା

(C) କୁମତି ଗୁଆଁର

(D) କହିବା ଲୋକ

44. କାମ ଦଶଦଶା ଭୋଗୁଥିବା ଗୋପାଙ୍ଗନାଙ୍କ ‘ଗୁଣକୀର୍ତ୍ତନ’ କେଉଁ ସଂଖ୍ୟକ ଅବସ୍ଥା ?

(A) ପ୍ରଥମ

(B) ଦ୍ୱିତୀୟ

(C) ତୃତୀୟ

(D) ଚତୁର୍ଥ

45. କମ୍ବୁକଟକର ରାଜାଙ୍କ ନାମ କ’ଣ ?

(A) ତ୍ରିଲୋଚନ

(B) ଜଗନ୍ନାଥ

(C) ବୃଷାସନ

(D) ଇନ୍ଦ୍ରଦ୍ୟୁମ୍ନ

46. କାହାଙ୍କ ଉଦ୍ୟାନର ନାମ 'ଚୈତ୍ରରଥ' ?

(A) ଉମାଧବ

(B) ମାଧବ

(C) ଧନେଶ୍ୱର

(D) ଇନ୍ଦ୍ର

47. କିଏ ଜଗତରେ 'ତାରକମନ୍ତ୍ର'ର ପ୍ରବର୍ତ୍ତକ ?

(A) ବକ୍ରତୁଣ୍ଡ

(B) କାଶୀଶ୍ୱର

(C) ସାରଦା

(D) ଅନ୍ନପୂର୍ଣ୍ଣା

48. ''ଘେନ ନୈଷଧ ପରାୟେ, ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ ।'' — 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର କେଉଁ ଛାନ୍ଦରେ ଏହା ବର୍ଣ୍ଣିତ ?

(A) ପ୍ରଥମ ଛାନ୍ଦ

(B) ଷଷ୍ଠ ଛାନ୍ଦ

(C) ଏକାଦଶ ଛାନ୍ଦ

(D) ପଞ୍ଚବିଂଶ ଛାନ୍ଦ

49. 'ବିଦଗ୍ଧ ଚିନ୍ତାମଣି' କାବ୍ୟ କାହାଠାରୁ 'ବିମଳ' ବୋଲି କବି ବର୍ଣ୍ଣନା କରିଅଛନ୍ତି ?

(A) ଚନ୍ଦ୍ର

(B) ସୂର୍ଯ୍ୟ

(C) ଗଙ୍ଗା

(D) ସିନ୍ଧୁ

50. 'ରାଧିକା' ନାମ 'ବିଦଗ୍ଧ ଚିନ୍ତାମଣି'ରେ କିଏ ଦେଇଥିଲେ ?

(A) ଦୁର୍ବାସା

(B) ବୃଷଭାନୁ

(C) କୀର୍ତ୍ତିଦା

(D) ପୂର୍ଣ୍ଣମାସୀ

51. ପାଞ୍ଚରସ ମଧ୍ୟରେ କେଉଁ ରସ ପ୍ରଧାନ ଅଟେ ?

(A) ମଧୁର

(B) କଟୁ

(C) ଲବଣ

(D) କଷାୟ

52. 'ଛବି ତ ଆବିଳ ଦିଶେ'— କାହାର ଛବି ଆବିଳ ଦିଶେ ?

(A) ରାଧାଙ୍କର

(B) ଲଳିତାଙ୍କର

(C) କୃଷ୍ଣଙ୍କର

(D) ଛ'ଦୁଇ ଦୁର୍ଗେଶଙ୍କର

53. କ'ଣ ଲୋଡୁଥିବାରୁ କୃଷ୍ଣଙ୍କର ସବୁ କିଛି ନଷ୍ଟ ହେବ ବୋଲି ଲଳିତା କହିଛନ୍ତି ?

(A) ଡ଼ୋଳାପ୍ରତିମା

(B) ଡାକିମଧମା

(C) କୁଳପାଳି

(D) ଡାଳିମ୍ବ ମଞ୍ଜିମଞ୍ଜୁଳ ଦଶନା

54. ‘ଶମନସ୍ୱସା’ର ଅର୍ଥ କ’ଣ ?

(A) ଯମର ଶାଶୂ

(B) ଯମର ଝିଅ

(C) ଯମର ପତ୍ନୀ

(D) ଯମର ଭଉଣୀ

55. ଆପଣା କାର୍ଯ୍ୟ ଆପେ ନ କରି ପାରୁଥିବା ଲୋକକୁ କ’ଣ କୁହାଯାଏ ?

(A) ଗୋପାଳ

(B) କ୍ଷତ୍ରିୟ

(C) ବୀର

(D) ନପୁଂସକ

56. ‘ମନ୍ଦକଂସ ଦ୍ୱନ୍ଦ୍ୱ ଭିଆଇଲା / ଆମ୍ଭଙ୍କୁ ଏ ଦଶା ଭିଆଇଲା ରେ ।’ — କିଏ କହିଛନ୍ତି ?

(A) ଗୋପାଙ୍ଗନା

(B) ଯଶୋଦା

(C) ରୋହିଣୀ

(D) ନନ୍ଦ

57. କିଏ ମଥୁରା ଯିବା ସଜ ଦେଖି ବ୍ରଜନାରୀମାନେ ଗିରିଧର ଛାମୁକୁ ନିଜ ବେଦନା କଥା ଲେଖିବାକୁ ଭାବିଲେ ?

(A) ଅକ୍ରୁର

(B) ଉଦ୍ଧବ

(C) ଗୋପବାଳକ

(D) ବଳରାମ

58. ‘ପ୍ରାଚୀ ସାହିତ୍ୟ ସମିତି’ ତରଫରୁ ପ୍ରକାଶିତ ‘ସ୍ତୁତିଚିନ୍ତାମଣି’ର ‘ମୁଖବନ୍ଧ’ କିଏ ଲେଖିଛନ୍ତି ?

(A) ବିଚ୍ଛନ୍ଦଚରଣ ପଟ୍ଟନାୟକ

(B) ଲକ୍ଷ୍ମୀକାନ୍ତ ଚୌଧୁରୀ

(C) ଆର୍ତ୍ତବଲ୍ଲଭ ମହାନ୍ତି

(D) ଘନଶ୍ୟାମ ଦାଶ

59. ‘ସ୍ତୁତିଚିନ୍ତାମଣି’ — କେତେ ବୋଲି ବିଶିଷ୍ଟ ରଚନା ?

(A) କୋଡ଼ିଏ

(B) ଚାଳିଶ

(C) ପଚାଶ

(D) ଶହେ

60. ‘‘ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ
କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର
ହେଉ ।’’

— ଏ ପଦଟି ‘ସ୍ତୁତିଚିନ୍ତାମଣି’ର କେଉଁ ବୋଲିରେ ଅଛି ?

(A) ସପ୍ତମ

(B) ସପ୍ତଦଶ

(C) ସପ୍ତବିଂଶ

(D) ସପ୍ତତ୍ରିଂଶ

61. କେଉଁ ସ୍ଥାନରୁ 'ବିଜୁଳି' ପତ୍ରିକା ଆତ୍ମପ୍ରକାଶ କରିଥିଲା ?

(A) ବାରିପଦା

(B) ବଲାଙ୍ଗୀର

(C) ବାମଣ୍ଡା

(D) ସମ୍ବଲପୁର

62. 'ସାମ୍ୟବାଦୀ' ପତ୍ରିକାର ସମ୍ପାଦକ କିଏ ଥିଲେ ?

(A) ଭଗବତୀ ଚରଣ ପାଣିଗ୍ରାହୀ

(B) ଭୂପତି ବସୁ

(C) ଲଳିତମୋହନ ଚକ୍ରବର୍ତ୍ତୀ

(D) ରଘୁନାଥ ଦାସ (ଜଟାୟୁ)

63. 'ସମ୍ବଲପୁର ହିତୈଷିଣୀ'ର ସଂପାଦକ କିଏ ଥିଲେ ?

(A) ରାଜେଶ୍ୱର ମହାପାତ୍ର

(B) ବାସୁଦେବ ସୁଢଳଦେବ

(C) ନୀଳମଣି ବିଦ୍ୟାରତ୍ନ

(D) ବିଶ୍ୱନାଥ କର

64. କେଉଁ ପତ୍ରିକାରେ ଫକୀରମୋହନଙ୍କ ''ଛ'ମାଣ ଆଠଗୁଣ୍ଠ'' ପ୍ରକାଶିତ ହେଉଥିଲା ?

(A) ଉତ୍କଳ ବନ୍ଧୁ

(B) କୋହିନୂର

(C) ପୁରୁଷୋତ୍ତମ ଦର୍ପଣ

(D) ଉତ୍କଳ ସାହିତ୍ୟ

65. କେଉଁ ଉପନ୍ୟାସ ପାଇଁ ଗୋପୀନାଥ ମହାନ୍ତି 'ଜ୍ଞାନପୀଠ' ପୁରସ୍କାର ପାଇଥିଲେ ?

(A) ରାହୁର ଛାୟା

(B) ମାଟି ମଟାଳ

(C) ପରଜା

(D) ହରିଜନ

66. ଫକୀରମୋହନଙ୍କ କେଉଁ ଉପନ୍ୟାସର ପାର୍ଶ୍ୱଚରିତ୍ର ଦିଲ୍‌ଦାର ମିଆଁ ?

(A) ଲଛମା

(B) ପ୍ରାୟଶ୍ଚିତ

(C) ଛ'ମାଣ ଆଠଗୁଣ୍ଠ

(D) ମାମୁଁ

67. 'ଅମର ଚିତା' ଉପନ୍ୟାସର ଲେଖକଙ୍କ ନାମ କ'ଣ ?

(A) ହରିଶ୍ଚନ୍ଦ୍ର ବଡାଳ

(B) ସୀତାଦେବୀ ଖାଡଙ୍ଗା

(C) କାଳିନ୍ଦୀ ଚରଣ ପାଣିଗ୍ରାହୀ

(D) କାହ୍ନୁ ଚରଣ ମହାନ୍ତି

68. 'ଶତାବ୍ଦୀର ସୂର୍ଯ୍ୟ' କେଉଁ ପ୍ରକାରର ଉପନ୍ୟାସ ?

(A) ରାଜନୀତିକ ଉପନ୍ୟାସ

(B) ମନସ୍ତାତ୍ତ୍ୱିକ ଉପନ୍ୟାସ

(C) ଐତିହାସିକ ଉପନ୍ୟାସ

(D) ଚରିତୋପନ୍ୟାସ

69. ‘ଦୁର୍ବଳ ଦେବାଳୟ’ ଗଳ୍ପର ଲେଖକ କିଏ ?

(A) ପ୍ରାଣବନ୍ଧୁ କର

(B) ଚନ୍ଦ୍ରମଣି ଦାସ

(C) ରାଜକିଶୋର ରାୟ

(D) ରାଜକିଶୋର ପଟ୍ଟନାୟକ

70. ମନୋଜ ଦାସଙ୍କ କେଉଁ ଗଳ୍ପର ନାୟକ ‘ମିଃ ଶର୍ମା’ ?

(A) ଲକ୍ଷ୍ମୀର ଅଭିସାର

(B) ଆବୁ ପୁରୁଷ

(C) ଆରଣ୍ୟକ

(D) ଶେଷ ବସନ୍ତର ଚିଠି

71. ମହାପାତ୍ର ନୀଳମଣି ସାହୁ କେଉଁ ଗଳ୍ପଗ୍ରନ୍ଥ ପାଇଁ ପାଇଛନ୍ତି ‘ସାହିତ୍ୟ~~ଭାରତୀ~~ ଏକାଡେମୀ’ ସମ୍ମାନ ?

(A) ସୁମିତ୍ରାର ହସ

(B) ଅନ୍ଧରାତିର ସୂର୍ଯ୍ୟ

(C) ପାପ ଓ ମୁକ୍ତି

(D) ଅଭିଶପ୍ତ ଗନ୍ଧର୍ବ

72. ଭଗବତୀ ଚରଣ ପାଣିଗ୍ରାହୀଙ୍କ କେଉଁ ଗଳ୍ପର ନାୟକ ‘ଘିନୁଆ’ ?

(A) ଜଙ୍ଗଲି

(B) ସମୟାତୀତ

(C) ଶିକାର

(D) ଝଡ଼

73. ଗୋପାଳ ଛୋଟରାୟଙ୍କ କେଉଁ ନାଟକର ମୁଖ୍ୟ ନାୟକ ‘ମୋହନ’ ?

(A) ଫେରିଆ

(B) ଭରସା

(C) ଶଙ୍ଖା ସିନ୍ଦୂର

(D) ପରକଲମ

74. କେଉଁ ନାଟକ ପାଇଁ ରାମଚନ୍ଦ୍ର ମିଶ୍ର ପାଇଥିଲେ ‘ଓଡ଼ିଶା ସାହିତ୍ୟ ଏକାଡେମୀ’ ପୁରସ୍କାର ?

(A) ନାଟକ ରୀତିମତ

(B) ମଉଡ଼ମଣି

(C) ଅଭିମାନ

(D) ଗୋଧୂଳି ଲଗ୍ନ

75. ମନୋରଞ୍ଜନ ଦାସଙ୍କର ପ୍ରଥମ ପରୀକ୍ଷାମୂଳକ ପ୍ରୟୋଗବାଦୀ ନାଟକର ନାମ କ’ଣ ?

(A) ଯୌବନ

(B) ଆଗାମୀ

(C) ଅଗଷ୍ଟ ନ’

(D) ରାତ୍ରି

76. ଜଗନ୍ମୋହନ ଲାଲଙ୍କର କେଉଁ ନାଟକରେ ସ୍ଥାନିତ ହୋଇଛି ‘ଲାବଣ୍ୟ’ର ସତୀତ୍ୱ ରକ୍ଷା ପ୍ରସଙ୍ଗ ?

(A) ବାବାଜୀ

(B) ବୃଦ୍ଧ ବିବାହ

(C) ସତୀ

(D) ପ୍ରୀତି

77. 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' କେଉଁ ପୁରସ୍କାର ପ୍ରାପ୍ତ ?

(A) କେନ୍ଦ୍ର ସାହିତ୍ୟ ଏକାଡେମୀ

(B) ଓଡ଼ିଶା ସାହିତ୍ୟ ଏକାଡେମୀ

(C) ଜ୍ଞାନପୀଠ

(D) ସାହିତ୍ୟ ଭାରତୀ

78. ଓଡ଼ିଆ ଗାଳ୍ପିକାମାନଙ୍କ ମଧ୍ୟରୁ 'ପାଟଦେଈ' କାହାକୁ କୁହାଯାଏ ?

(A) କୁନ୍ତଳା କୁମାରୀ ସାବତ

(B) ପ୍ରତିଭା ରାୟ

(C) ବୀଣାପାଣି ମହାନ୍ତି

(D) ବିଦ୍ୟୁତପ୍ରଭା ଦେବୀ

79. 'ସାଧନାର ପଥେ'ର ଲେଖକ କିଏ ?

(A) ସୁରେନ୍ଦ୍ର ମହାନ୍ତି

(B) କାଳୀଚରଣ ପଟ୍ଟନାୟକ

(C) ଚକ୍ରଧର ମହାପାତ୍ର

(D) ହରେକୃଷ୍ଣ ମହତାବ

80. ଲକ୍ଷ୍ମୀନାରାୟଣ ସାହୁଙ୍କ ଆତ୍ମଜୀବନୀର ନାମ କ'ଣ ?

(A) ଜୀବନ ପଞ୍ଜିକା

(B) କୁମ୍ଭାର ଚକ

(C) ମୋ ଜୀବନ ଓ ଜଞ୍ଜାଳ କାହାଣୀ

(D) ମୋ ବାରବୁଲା ଜୀବନ

81. କେଉଁ ନାଟକର ଛାୟାବଲମ୍ବନରେ କବି ରାଧାନାଥ ରାୟ 'ଶ୍ମଶାନ ଦୃଶ୍ୟ' ଲେଖିଥିଲେ ?

(A) ଅଭିଜ୍ଞାନଶାକୁନ୍ତଳମ୍

(B) ଊରୁଭଂଗମ୍

(C) ଚଣ୍ଡକୌଶକ

(D) କର୍ଣ୍ଣଭାରମ୍

82. 'ଉତ୍କଳଲକ୍ଷ୍ମୀ' ପୂର୍ଣ୍ଣାଙ୍ଗ ହେବା ପଶ୍ଚାତ୍‌ରେ ନିମ୍ନୋକ୍ତ କେଉଁ ବ୍ୟକ୍ତିଙ୍କର ଉତ୍ସାହ ଓ ପ୍ରେରଣା ବିଦ୍ୟମାନ ?

(A) ମଧୁସୂଦନ ଦାସ

(B) ରାଧାନାଥ ରାୟ

(C) ଫକୀରମୋହନ ସେନାପତି

(D) ବ୍ରଜମୋହନ ପଣ୍ଡା

83. ନିମ୍ନୋକ୍ତ କେଉଁଟି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ କବିତା ନୁହେଁ ?

(A) ରାଜଜେମା

(B) ଭାରତଭିକ୍ଷୁ

(C) ଭିକ୍ଷୁଗୀତ

(D) ଭିଖାରୀ

84. ଗୋପବନ୍ଧୁଙ୍କ 'ଜାଗରଣ' ଓ 'ସରଳତା' କବିତା ଦ୍ୱୟ ପ୍ରଥମେ କେଉଁଥିରେ ପ୍ରକାଶିତ ହୋଇଥିଲା ?

(A) 'ମୁକୁର'

(B) ଉତ୍କଳପ୍ରଭା

(C) ଆଶା

(D) ସତ୍ୟବାଦୀ

85. 'ଚାଷୀଭାଇର ଧାନବୁଣା' କବିତାଟି କାହାର ?

(A) ମାୟାଧର ମାନସିଂହ

(B) ଗଙ୍ଗାଧର ମେହେର

(C) ଗୋପବନ୍ଧୁ ଦାସ

(D) ବୈକୁଣ୍ଠନାଥ ପଟ୍ଟନାୟକ

86. ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଉପରକକ୍ଷ' କବିତାଟି କାହାର କବିତା ପାଠ କଲା ପରେ ପ୍ରେରଣା ପାଇ ଲେଖାଯାଇଛି ?

(A) ନଜ୍‌ରୁଲ ଇସ୍‌ଲାମ

(B) ସି. ଜେ. ଡେନିସ

(C) ଅଡ଼େନ୍

(D) ମ୍ୟାକ୍‌ସ ଡନ

87. ''ସେ ତେଣୁ ରହିବା କଥା ହାତେ ଧରି ତୋଡ଼ାଏ ଗୋଲାପ, ଢେଉ ଢେଉ କଳାବାଳ, ଯୋଡ଼େ ଆର୍ଦ୍ର ଆଖିର ଉତ୍ତାପ ।'' — ଏହି ପଂକ୍ତିଟି କେଉଁ କବିତାରୁ ଉଦ୍ଧୃତ ?

(A) ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ

(B) ନିଜେ ନିଜେ

(C) ଯାଅ ନାହିଁ

(D) ହଜିଲା ପିଲା

88. ''ଦୁହିଙ୍କ ନିଶ୍ୱାସରେ
ସଞ୍ଜ ଅନ୍ଧାରର ଶାନ୍ତ ପୋଖରୀରେ
ଛୋଟ ଢେଉ ଉଠେ ।'' — ଏହି ପଂକ୍ତିଟି କେଉଁ କବିତାରୁ ଆସିଛି ?

(A) ଆମେ

(B) ମହାନଦୀ ପୋଲ

(C) ସହୋଦର

(D) ତମ ଗାଁ

89. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସୀତାକାନ୍ତ ମହାପାତ୍ରଙ୍କ କବିତା ନୁହେଁ ?

(A) ତୁମକୁ ଛୁଇଁଲେ

(B) ପୋକଖିଆ କାଠ

(C) ସ୍ୱାଧୀନ ସୂର୍ଯ୍ୟ

(D) ବୃତ୍ତ

90. ''ରତି ଓ ରମଣ ଲାଗି ପ୍ରତିକ୍ଷଣେ ରଖିଛି ଯେ ଆମରି ଅପେକ୍ଷା, ଚିନ୍ମୟ ପୁରୁଷ ସେଇ, ସଂଗେ ତା'ର ପଲକର ଦେଖା ।'' — ଏହି ପଂକ୍ତିଟି କେଉଁ କବିତାରୁ ଆନୀତ ?

(A) ନିଥର ହ୍ରଦର ଶିହରଣ

(B) ଆରତି

(C) ପ୍ରଦକ୍ଷିଣ

(D) ଶ୍ରୀରାଧା

91. ''ନୀଳବର୍ଣ୍ଣର ଚଷମା ଧାରଣ କଲେ ପ୍ରତ୍ୟେକ ପଦାର୍ଥ ନୀଳବର୍ଣ୍ଣ ଦେଖାଯାଏ ।'' — ଏହି ଉକ୍ତିଟି କେଉଁ ପ୍ରବନ୍ଧରୁ ଆନୀତ ?

(A) ସୃଷ୍ଟି ସମ୍ବନ୍ଧଶୀଳ

(B) ନୈତିକ ଋଣ

(C) କର୍ତ୍ତବ୍ୟ ବିରୋଧ

(D) ଅନୁତାପ

92. ବିପିନ ବିହାରୀ ରାୟଙ୍କ 'ଗୁରୁଶିଷ୍ୟ' ପ୍ରବନ୍ଧଟି କେଉଁ ଉପନିଷଦ୍‌ର ବିଷୟବସ୍ତୁକୁ ଆଧାର କରି ଗଢ଼ି ଉଠିଛି ?

(A) ତୈତ୍ତିରୀୟ ଉପନିଷଦ୍

(B) ମାଣ୍ଡୁକ୍ୟ ଉପନିଷଦ୍

(C) କଠୋପନିଷଦ୍

(D) କେନ ଉପନିଷଦ୍

93. ବିଶ୍ୱନାଥ କରଙ୍କ ପ୍ରବନ୍ଧରେ ସ୍ୱାଧୀନତାର ପ୍ରକୃତ ଅର୍ଥ __________ । ନିମ୍ନ ବିକଳ୍ପଗୁଡ଼ିକରୁ ଉପଯୁକ୍ତ ବିକଳ୍ପ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର :

(A) ସାମାଜିକ ସ୍ୱାଧୀନତା

(B) ଆତ୍ମାର ସ୍ୱାଧୀନତା

(C) ରାଜନୀତିକ ଓ ଆର୍ଥନୀତିକ ସ୍ୱାଧୀନତା

(D) ଅନ୍ଧବିଶ୍ୱାସରୁ ସ୍ୱାଧୀନତା

94. ନୀଳକଣ୍ଠଙ୍କ ମତରେ ମାନବ ଜୀବନର ପ୍ରକୃତିକୁ ଆର୍ଯ୍ୟଦର୍ଶନ __________ ଭାବରେ ଗ୍ରହଣ କରିଛି ।

(A) ସଂସ୍କୃତି

(B) ଧର୍ମ

(C) ବିଶିଷ୍ଟାଦ୍ୱୈତବାଦୀ ବିଶ୍ୱାସ

(D) ଧାରଣା ବା ଅଭିମତ

95. 'ସାହିତ୍ୟରେ ନ୍ୟାୟ' ଶୀର୍ଷକ ଗୋବିନ୍ଦ ତ୍ରିପାଠୀଙ୍କ ପ୍ରବନ୍ଧଟି ନିମ୍ନୋକ୍ତ ମଧ୍ୟରୁ କେଉଁଥିରେ ପ୍ରକାଶ ଲାଭ କରିଥିଲା ?

(A) ସହକାର

(B) ଉତ୍କଳମଧୁପ

(C) ମୁକୁର

(D) ନବଭାରତ

96. "ଯେଉଁ ସାହିତ୍ୟରେ ମମତା ନାହିଁ-ସେ ତ ଗତିଶୀଳ ନୁହେଁ-ସେ ପଥର" — ଏହା କେଉଁ ପ୍ରବନ୍ଧର ଉଦ୍ଧୃତି ?

(A) ସାହିତ୍ୟ ଓ ସମାଲୋଚନା

(B) ସାହିତ୍ୟ : ପ୍ରାଚ୍ୟ ପାଶ୍ଚାତ୍ୟ

(C) ସାହିତ୍ୟ

(D) ସମାଲୋଚନା

97. "ଶିକ୍ଷା ପ୍ରତ୍ୟେକ ଲୋକର ଜନ୍ମଗତ ଅଧିକାର । ତାହା ତାକୁ ଦେବାକୁ ହେବ ଓ ଉତ୍ତମ ଭାବରେ ଦେବାକୁ ହେବ ।" — ଏହା କେଉଁ ପ୍ରବନ୍ଧରୁ ଆନୀତ ?

(A) ଶିକ୍ଷା, ସାଧନା ଓ ଶୃଙ୍ଖଳା

(B) ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା

(C) ସ୍ୱାଧୀନତା, ଶିକ୍ଷା ଓ ଶିକ୍ଷକ

(D) ଶିକ୍ଷା, ଶାସନ, ସଂସ୍କୃତି ଓ ସ୍ୱାଧୀନତା

98. 'ଜାତିରେ ମୁଁ ଯବନ' ଏକକ ପ୍ରବନ୍ଧଟି କେତୋଟି ଭାଗରେ ବିଭକ୍ତ ହୋଇ ସମୃଦ୍ଧ ହୋଇଛି ?

(A) ଏଗାର

(B) ସତର

(C) ପନ୍ଦର

(D) ଅଠର

99. 'ଜୀବନ ନା ରଙ୍ଗ ?' ପ୍ରବନ୍ଧରେ ପ୍ରାବନ୍ଧିକ କେଉଁ ବିଦେଶୀ କଥାକାରଙ୍କ ଗପଟିକୁ ପ୍ରାସଙ୍ଗିକ ଭାବେ ଉଲ୍ଲେଖ କରିଛନ୍ତି ?

(A) ଡେନମାର୍କର କଥାକାର ଜୁସି ଏଡଲର-ଓଲସେନ

(B) ଡାନିସ କଥାକାର କାରଷ୍ଟେନ ଜେନ୍‌ସେନ୍

(C) ଡେନମାର୍କର କଥାକାର ହାନ୍‌ସ କ୍ରିଷ୍ଟିଆନ୍ ଆନରସନ୍

(D) ଦିନାମାର କଥାକାର ଆଇଜାକ୍ ଦିନେସେନ୍

100. କାହାର ସ୍ନେହ ଓ କ୍ଷମା ବାଣୀରେ ଚମ୍ବଲ ଉପତ୍ୟକାର ନରହନ୍ତା ଡକାୟତମାନେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଆତ୍ମ ସମର୍ପଣ କରିପାରିଲେ ?

(A) ବାଲ୍ମୀକି ଓ ବୁଦ୍ଧ

(B) ବିନୋବାଜୀ ଓ ଜୟପ୍ରକାଶ

(C) ଗାନ୍ଧିଜୀ ଓ ନେହେରୁ

(D) ଗୋପବନ୍ଧୁ ଓ ହରିହର

■■■■■■■■■■■■■■■■

## SPACE FOR ROUGH WORK

SEAL